ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ, ଏ.ଏମ.ଏଫ.ୟୁ. –ସେମିଳିଗୁଡା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ବୈଷୟିକ ଜ୍ଞାନକୌଶଳ ପ୍ରସାରଣ କେନ୍ଦ୍ର
ସେମିଳିଗୁଡା, ପି. ବି.-୧୦, ସୁନାବେଡା, କୋରାପୁଟ,ଓଡ଼ିଶା- ୭୬୩୦୦୨


ସପ୍ତାହ କ୍ର.ସଂ.- ୧୫ | **ପାଣିପାଗ ଜନିତ କୃଷି ଉପଦେଶ** | ତାରିଖ –୦୯.୦୪.୨୦୨୪

## ଜିଲ୍ଲା- କୋରାପୁଟ (ଇଷ୍ଟର୍ନ ଘାଟ ହାଇ ଲ୍ୟାଣ୍ଡ ଜୋନ ଏବଂ ସାଉଥ ଇଷ୍ଟର୍ନ ଘାଟ ଜୋନ)

| ଗତ ଚାରି ଦିନର ପାଣିପାଗ ଅବସ୍ଥା | | | | |
|---|---|---|---|---|
| ତାରିଖ | ୦୫.୦୪.୨୦୨୪ | ୦୬.୦୪.୨୦୨୪ | ୦୭.୦୪.୨୦୨୪ | ୦୮.୦୪.୨୦୨୪ |
| ବୃଷ୍ଟିପାତ (ମି.ମି.) | ୦.୦ | ୦.୦ | ୦.୦ | ୦.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୩୭ | ୩୮ | ୩୮ | ୩୯ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | - | - | ୧୮ | ୧୮ |

## ଆସନ୍ତା ପାଞ୍ଚ ଦିନର (୧୦.୦୪.୨୦୨୪ ଠାରୁ ୧୪.୦୪.୨୦୨୪) ପାଣିପାଗର ପୂର୍ବାନୁମାନ

(ଏମ.ସି., ଆଇ.ଏମ.ଡି., ଭୁବନେଶ୍ୱର ଅନୁଯାୟୀ)

ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆଂଶିକ ମେଘୁଆ ରୁ ସଧାରଣତଃ ମେଘୁଆ ପାଗ ରହିବ । ଆଗାମୀ ପାଞ୍ଚ ଦିନ ମଧ୍ୟରେ ଅତିସ୍ୱଳ୍ପ ରୁ ସ୍ୱଳ୍ପ ମାତ୍ରାରେ ବର୍ଷା ହେବାର ସମ୍ଭାବନା ଅଛି । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରା ୩୭ ରୁ ୩୮ ଡିଗ୍ରୀ ସେ. ଏବଂ ସର୍ବନିମ୍ନ ତାପମାତ୍ରା ୧୮ ରୁ ୨୧ ଡିଗ୍ରୀ ସେ. ରହିବାର ସମ୍ଭାବନା ଅଛି। ସର୍ବାଧିକ ଏବଂ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ଶତକଡ଼ା ୫୫ ରୁ ୬୫ ଏବଂ ୨୦ ରୁ ୩୫ ଭାଗ ରହିବାର ସମ୍ଭାବନା ଅଛି।

| ତାରିଖ | ବୃଷ୍ଟିପାତ (ମି.ମି.) | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ମେଘାଛନ୍ନ | ସର୍ବାଧିକ ଆର୍ଦ୍ରତା (%) | ସର୍ବନିମ୍ନ ଆର୍ଦ୍ରତା (%) | ପବନର ବେଗ (କି.ମି./ଘଣ୍ଟା) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|
| ୧୦.୦୪.୨୦୨୪ | ୨ | ୩୭ | ୧୮ | ୪ | ୬୩ | ୨୪ | ୮ | ୧୧୮ |
| ୧୧.୦୪.୨୦୨୪ | ୨ | ୩୭ | ୧୮ | ୪ | ୫୫ | ୨୦ | ୭ | ୧୭୧ |
| ୧୨.୦୪.୨୦୨୪ | ୬ | ୩୭ | ୧୯ | ୫ | ୬୫ | ୩୫ | ୮ | ୧୩୫ |
| ୧୩.୦୪.୨୦୨୪ | ୫ | ୩୮ | ୨୧ | ୪ | ୫୭ | ୨୮ | ୬ | ୧୯୮ |
| ୧୪.୦୪.୨୦୨୪ | ୬ | ୩୮ | ୨୧ | ୩ | ୫୭ | ୨୮ | ୬ | ୨୧୨ |

## ପାଣିପାଗ ଭିତ୍ତିକ କୃଷି ଉପଦେଶ

**ସାଧାରଣ:**

- ଶେଷ ଓଡ଼ ଚାଷ ସମୟରେ ଜମିରେ ସଢା ଗୋବର ଖତ ଅଥବା ଜିଆ ଖତ ପ୍ରୟୋଗ କରନ୍ତୁ ।
- ଯେକୌଣସି ଫସଲ ରୋଇବା ପୂର୍ବରୁ ନିକଟବର୍ତ୍ତୀ ମୃତ୍ତିକା ପରିକ୍ଷା କେନ୍ଦ୍ରରେ ମାଟି ପରୀକ୍ଷା କରନ୍ତୁ ।
- ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡରେ ଉଲ୍ଲେଖ କରାଯାଇଥିବା ମାଟି ପରୀକ୍ଷା ଭିତ୍ତିକ ସୁପାରିଶ ଅନୁଯାୟୀ ସମସ୍ତ ଫସଲରେ ସନ୍ତୁଳିତସାର ପ୍ରୟୋଗ କରନ୍ତୁ।

**ଧାନ:**

- ଜମିରେ ମହିଷା ରୋଗ ଦେଖାଦେଲେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୪ ଗ୍ରାମ୍ ଟେବୁକୋନାଜୋଲ୍ ୫୦% + ଟ୍ରାଇଫ୍ଲକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି. ମିଶାଇ  ସିଞ୍ଚନ କରନ୍ତୁ ।
- ତାପମାତ୍ରା ବୃଦ୍ଧି ହେତୁ କାଣ୍ଡବିନ୍ଧା ପୋକ ଲାଗିବାର ସମ୍ଭାବନାଥାଏ । ନିରୀକ୍ଷଣ ପାଇଁ ଏକର ପିଛା ୩ ଟା ଫେରୋମନ ଯନ୍ତା ରଖନ୍ତୁ, ଯେତେବେଳେ ପୁରୁଷ ପ୍ରଜାତିର ସଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ଟି ହୋଇଯିବ ତେବେ ପ୍ରତି ଲିଟର ପାଣିରେ ୦.୩ ମି.ଲି. କ୍ଲୋରନଟ୍ରାନିଲିପ୍ରୋଲ ୧୮.୫ % ଏସ୍.ସି. କିମ୍ବା ୨ ମି.ଲି. ଫିପ୍ରୋନିଲ୍ ୫%ଏସ୍.ସି. ମିଶାଇ ସିଞ୍ଚନ କରନ୍ତୁ ।
- ଧାନ ଜମିରେ କବକ ଜନିତ ପତ୍ରପୋଡା ରୋଗ ଦେଖାଦେଲେ ନିୟନ୍ତ୍ରଣ କରିବାପାଇଁ ପ୍ରତି ଲିଟର ପାଣିରେ ୧ ଗ୍ରାମ ପ୍ଲାଣ୍ଟୋମାଇସିନ ଏବଂ ୩ ଗ୍ରାମ କପର ଅକ୍ସିକ୍ଲୋରାଇଡ୍ ୫୦ % ଡବ୍ଲ୍ୟୁ.ପି. ମିଶାଇ ସିଞ୍ଚନ କରନ୍ତୁ ।

**ଚିନାବାଦାମ:**

- ଚିନାବାଦାମ ଜମିରେ ଟୀକା ରୋଗ ଦେଖାଗଲେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କ୍ଲୋରୋଥାଲୋନୀଲ ୭୫% ଡବ୍ଲ୍ୟୁ.ପି. କିମ୍ବା ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁ.ପି. ମିଶାଇ ସିଞ୍ଚନ କରନ୍ତୁ ।
- ଚିନାବାଦାମ ଫସଲରେ ଧୂଆଁ ପତ୍ର ଗୋଟିପୋକ ଦେଖାଦେବାର ସମ୍ଭାବନା ଅଛି, ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୩ ମି.ଲି. ଥାୟୋମେଥୋକ୍ସାମ୍ ୧୨.୬% + ଲାମ୍ବଡା-ସାଇହଲୋଥ୍ରିନ୍ ୯.୫% ଜେଟ୍.ସି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦% ଇ.ସି. ମିଶାଇ ସିଞ୍ଚନ କରନ୍ତୁ ।

**ପନିପରିବା ଫସଲ:**

- ଟମାଟୋ ଫସଲରେ ଧଳା ମାଛି ଦେଖାଗଲେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କିମ୍ବା ୦.୪ ଗ୍ରାମ୍ ଥାଅମିଥୋକ୍ସାମ ୨୫% ଡବ୍ଲ୍ୟୁ.ଜି.        ମିଶାଇ ସିଞ୍ଚନ କରନ୍ତୁ ।
- ବାଇଗଣ ଫସଲରେ କାଣ୍ଡ ଓ ଫଳ ବିନ୍ଧା ପୋକ ଦମନ କରିବା ପାଇଁ ଏକର ପିଛା ୭୦ ମି.ଲି. ସ୍ପିନୋସାଡ୍ ୪୫% ଏସ୍.ସି. ଏବଂ ଥାଅଡିକାର୍ବ ୭୫% ବିକଳ୍ପ ଭାବରେ ୧୫ ଦିନ ଅନ୍ତରାଳ ସିଞ୍ଚନ କରନ୍ତୁ ।

**ଆମ୍ବ:**

- ଆମ୍ବ ଡାହାଣୀ ସଂକ୍ରମଣର ସମ୍ଭାବନା ଅଛି, ଏହାକୁ ନିୟନ୍ତ୍ରଣ କରିବା ପାଇଁ ବୁପ୍ରୋଫେଜିନ୍ 25% SC @ 1-2 ମିଲି / ଲିଟର ପାଣି କିମ୍ବା ଇମିଡାକ୍ଲୋପ୍ରିଡ୍ 17.8% SL @ 0.3 ମିଲି / ଲିଟର ପାଣି ରେ ମିଶାଇ  ସ୍ପ୍ରେ କରନ୍ତୁ |
- ଆମ୍ବ ଚଣା ଗଡିବା ଅବସ୍ଥା ହେଲେ ଆଲଫା ନାପଥାଇଲ୍ ଏସିଟିକ୍ ଏସିଡ୍ 4.5% SL (ପ୍ଲାନୋଫିକ୍ସ) @ 4.5 ମିଲି ସ୍ପ୍ରେ କରନ୍ତୁ ଏବଂ ଫଳଗୁଡିକ ମଟର ଦାନା ଆକାରର  ଥିବାବେଳେ ଦ୍ୱିତୀୟ ସ୍ପ୍ରେ ପାଇଁ ଯାଆନ୍ତୁ |

**ପଶୁ ସମ୍ପଦ:**

- ତାପମାତ୍ରା ଅଧିକ ହେତୁ ପଶୁ ମାନଙ୍କୁ ସକାଳ ବେଳା ଘାସ ଖାଇବା ପାଇଁ ଛାଡ଼ି ଦିଅନ୍ତୁ । ଗୁହାଳ ଘରରେ ବାୟୁ ଚଳାଚଳ ପାଇଁ ଉପଯୁକ୍ତ ଜାଗା ରଖନ୍ତୁ ।

**ବିଶେଷ ଦ୍ରଷ୍ଟବ୍ୟ: ଆବଶ୍ୟକ ସହାୟତା ଏବଂ ସୂଚନା ପାଇଁ ନିକଟବର୍ତୀ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଓ ରାଜ୍ୟର କୃଷି ଅଧିକାରୀ/ଉଦ୍ୟାନ କୃଷି ଅଧିକାରୀ ସହିତ ସମ୍ପର୍କ କରନ୍ତୁ।**

---

ଡଃ.ପର୍ଶୁରାମ ଶିଅଳ
(ନୋଡାଲ୍ ଅଫିସର, ଜି.କେ.ଏମ୍.ଏସ୍.,ସେମିଳିଗୁଡା)